# REGIONAL NEWS UNIT, AIR CUTTACK

## Evening Bulletin (6.45PM)

**25 April - 2026**

**************************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି ମନ୍ କି ବାତ'ର ୧୩୩ତମ ସଂସ୍କରଣରେ ଦେଶବାସୀଙ୍କ ସହ କରିବେ ଭାବବିନିମୟ
- ବିଶ୍ୱପ୍ରାଣୀ ଚିକିତ୍ସା ଦିବସ ଅବସରରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ
- ମ୍ୟାଲେରିଆର ପ୍ରତିକାର ଓ ପ୍ରତିରୋଧ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ପାଳିତ ହୋଇଯାଉଛି ବିଶ୍ୱ ମ୍ୟାଲେରିଆ ଦିବସ

ଏବଂ

- ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି; ଝାରସୁଗୁଡ଼ା ଜିଲ୍ଲାରେ ଦିନର ସର୍ବାଧିକ ତାପମାତ୍ରା ୪୪ ଦଶମିକ ୮ ଡିଗ୍ରୀ ସେଲସିୟସ ରେକର୍ଡ

Desk

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । ଏହା ହେବ 'ମନ୍ କି ବାତ୍' କାର୍ଯ୍ୟକ୍ରମର ୧୩୩ତମ ସଂସ୍କରଣ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରଣ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

Desk

# ମୁଖ୍ୟମନ୍ତ୍ରୀ-ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ କରାଯାଉଛି। ପ୍ରତି ବର୍ଷ ଏପ୍ରିଲ ମାସର ଶେଷ ଶନିବାରରେ ପ୍ରାଣୀ ଚିକିତ୍ସକଙ୍କ ନିଷ୍ଠା, ସେବାଭାବ ଏବଂ ସମାଜ ପ୍ରତି ଅବଦାନକୁ ସ୍ମରଣ କରି ଏହି ଦିବସ ପାଳନ

କରାଯାଇଥାଏ। ପ୍ରାଣୀମାନେ ପରିବେଶ ସନ୍ତୁଳନ ଏବଂ ମାନବ ସ୍ୱାସ୍ଥ୍ୟର ଗୁରୁତ୍ୱପୂର୍ଣ୍ଣ ଅଂଶ। ପ୍ରାଣୀମାନଙ୍କ ଚିକିତ୍ସା, ଜୁନୋଟିକ ରୋଗ ନିୟନ୍ତ୍ରଣ, ଖାଦ୍ୟ ସୁରକ୍ଷା ଓ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ପ୍ରାଣୀ ଚିକିତ୍ସକମାନେ କାର୍ଯ୍ୟ କରିଥାନ୍ତି। ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ପ୍ରାଣୀ ଚିକିତ୍ସକ ଖାଦ୍ୟ ଓ ସ୍ୱାସ୍ଥ୍ୟର ରକ୍ଷକ'।

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଆଉ କିଛି ସମୟ ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ଶ୍ରୀ ମାଝୀ ୭୬ଟି ନୂତନ ପ୍ରାଣୀ ଚିକିତ୍ସାଳୟ ଗୃହ ଓ ୧୨ଟି ମତ୍ସ୍ୟସମ୍ପଦ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିବେ । ଏହି ଅବସରରେ ୨୧୯ଟି ନୂତନ ପ୍ରାଣୀ ସମ୍ପଦ ଭିତ୍ତିଭୂମି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ।

Nayagarh/Malkangiri

## ଜିଲ୍ଲା– ବିଶ୍ୱ ପ୍ରାଣୀ ଚିକିତ୍ସା

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳନ କରାଯାଇଛି।

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆନୁକୂଲ୍ୟରେ ଆୟୋଜିତ ସଭାରେ ଜିଲ୍ଲାପାଳ

ପ୍ରଥମେଶ ଅରବିନ୍ଦ ରାଜସିର୍କେ ଯୋଗ ଦେଇଥିଲେ। ପ୍ରାଣୀମାନଙ୍କ ସୁରକ୍ଷା କ୍ଷେତ୍ରରେ ଚିକିତ୍ସକମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜିଲ୍ଲାରେ ଚାଲିଥିବା ଟିକାକରଣ ଏବଂ ପ୍ରାଣୀ ସମ୍ପଦ ବିକାଶ ଯୋଜନାର ସଫଳତା ସମ୍ପର୍କରେ ଜିଲ୍ଲାପାଳ ଆଲୋଚନା କରିଥିଲେ। ଏହି ଅବସରରେ ଉଲ୍ଲେଖନୀୟ ପ୍ରାଣୀ ସେବା ପାଇଁ ସଫଳ ଚାଷୀ ଓ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ କାର୍ଯ୍ୟକ୍ରମରେ ଯୋଗଦେଇ ଜୀବନ ଓ ଜୀବିକା ସହ ପ୍ରାଣୀ ସମ୍ପଦ ଓତୋଃପ୍ରୋତ ଭାବେ ଜଡ଼ିତ ବୋଲି କହିଛନ୍ତି। ପ୍ରାଣୀ ସମ୍ପଦର ବିକାଶ କ୍ଷେତ୍ରରେ ପ୍ରାଣୀ ପାଳକଙ୍କ ସମେତ ଚିକିତ୍ସକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଜିଲ୍ଲାପାଳ କହିଥିଲେ।

Desk

## ମୁଖ୍ୟମନ୍ତ୍ରୀ- ଅଭିଯୋଗପତ୍ର ଗ୍ରହଣ

ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଉତ୍ତରଦାୟୀ ଏବଂ ଲୋକାଭିମୁଖୀ କରିବା ସହିତ ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ସମସ୍ତ ସୁବିଧା ପହଁଞ୍ଚାଇବା ରାଜ୍ୟ ସରକାରଙ୍କ ମୂଳଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବଲାଙ୍ଗୀର ସର୍କିଟ୍ ହାଉସ୍‌ଠାରେ ଆଜି ସାଧାରଣ ଲୋକଙ୍କୁ ଭେଟିବା ସହିତ ବିଭିନ୍ନ ଅଭିଯୋଗପତ୍ର ଗ୍ରହଣ କରି ଶ୍ରୀ ମାଝୀ କହିଛନ୍ତି, ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କ ସ୍ୱର ସର୍ବୋପରି। ପ୍ରତିଟି ଅଭିଯୋଗର ଉଚିତ ଅନୁଧ୍ୟାନ କରି ତୁରନ୍ତ ସମାଧାନ କରିବା ପାଇଁ

ମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ପ୍ରମୁଖ ଉପସ୍ଥିତ ଥିଲେ।

Ganjam

## ଉପମୁଖ୍ୟମନ୍ତ୍ରୀ– ହ୍ରଦ ପରିଦର୍ଶନ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଛତ୍ରପୁର ନିକଟସ୍ଥ ତାମ୍ପରା ହ୍ରଦ ପରିଦର୍ଶନ କରିଛନ୍ତି। ହ୍ରଦର ପୁନରୁଦ୍ଧାର, ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ନୂତନ ପୁଞ୍ଜିନିବେଶକଙ୍କୁ ନିମନ୍ତ୍ରଣ କରିବା, ପରିବେଶ ସୁରକ୍ଷା ଓ ସ୍ଥାନୀୟ ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବା ସମ୍ପର୍କିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଶ୍ରୀମତୀ ପରିଡ଼ା ଆଲୋଚନା କରିଥିଲେ। ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଜିଲ୍ଲାପାଳ ଭୀ.କୀର୍ତ୍ତିଭାସନ, ରାଜ୍ୟ ପର୍ଯ୍ୟଟନ ବିଭାଗ କମିଶନର ବଳବନ୍ତ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

Desk

## ରଥଯାତ୍ରା ବୈଠକ

ପୁରୀ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ଚତୁର୍ଥ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଭୁବନେଶ୍ୱରଠାରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି,ଭ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରମୁଖ ଉପସ୍ଥିତ ରହି ଆଗାମୀ ରଥଯାତ୍ରାକୁ ସୂଚାରୁରୂପେ କରିବା ଉପରେ ଆଲୋଚନା

କରିଛନ୍ତି । ଯଥେଷ୍ଟ ପୂର୍ବରୁ ସମସ୍ତ ପ୍ରକାର ପ୍ରସ୍ତୁତି ସାରିବାକୁ ଶ୍ରୀମତୀ ଗର୍ଗ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଚଳିତ ବର୍ଷ ଜୁଲାଇ ମାସ ୧୬ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହେବ ।

Desk

# ବିଶ୍ୱ ମ୍ୟାଲେରିଆ ଦିବସ

ମ୍ୟାଲେରିଆର ପ୍ରତିକାର ଓ ପ୍ରତିରୋଧ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ମ୍ୟାଲେରିଆର ମୂଳୋତ୍ପାଟନ ପାଇଁ ଦୃଢ଼ ସଂକଳ୍ପ : ବର୍ତ୍ତମାନ ଆମେ ପାରିବା, ଆମେ ନିଶ୍ଚିତ ପାରିବା' । ୨୦୦୮ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଉଛି । ମାଈ ଏନୋଫିଲିସ ମଶା କାମୁଡିବା ଦ୍ୱାରା ସାଧାରଣତଃ ମ୍ୟାଲେରିଆ ଜ୍ୱର ହୋଇଥାଏ ।

DHNKL/Malkangiri

## ଜିଲ୍ଲା– ମ୍ୟାଲେରିଆ ଦିବସ

ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ ମାଲକାନଗିରି ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମ୍ୟାଲେରିଆ ମୁକ୍ତ ମାଲକାନଗିରି ଗଠନ ଦିଗରେ ବିଭିନ୍ନ ଆଲୋଚନା କରାଯାଇଥିଲା । ଉପଖଣ୍ଡ ଏବଂ ପଞ୍ଚାୟତସ୍ତରୀୟ ତଥ୍ୟକୁ ଆଧାର କରି ମ୍ୟାଲେରିଆ ପ୍ରବଣ ଅଞ୍ଚଳଗୁଡ଼ିକ ଚିହ୍ନଟ କରାଯିବା ସହ

ଲକ୍ଷ୍ୟ ଭିତ୍ତିକ ଯୋଜନା ପ୍ରସ୍ତୁତ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ମ୍ୟାଲେରିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

Desk

## ଧର୍ମେନ୍ଦ୍ର– କେନ୍ଦୁପତ୍ର

ରାଜ୍ୟରେ କେନ୍ଦୁପତ୍ର ତୋଳି ଜୀବିକା ନିର୍ବାହ କରୁଥିବା ମହିଳାଙ୍କୁ ସେମାନଙ୍କ ଅଧିକାର ଓ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଦେବଗଡ଼ ଜିଲ୍ଲା ରେଙ୍ଗାଲବେଡ଼ା କେନ୍ଦୁପତ୍ର ବନାଞ୍ଚଳରେ କାର୍ଯ୍ୟରେ ନିୟୋଜିତ ଥିବା ମହିଳାଙ୍କ ସହିତ ସେମାନଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଆଲୋଚନା କରିଛନ୍ତି । ଚଳିତ ବଜେଟ୍‌ରେ କେନ୍ଦୁପତ୍ର ତୋଳାଳିମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତ, ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ରୋଜଗାର ବୃଦ୍ଧିରେ ସହାୟକ ହେଉଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ପରେ କେନ୍ଦ୍ରମନ୍ତ୍ରୀ ଅନୁଗୁଳ ଜିଲ୍ଲା ଗସ୍ତ କରି ଛେଣ୍ଡିପଦାଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ବିଭିନ୍ନ ହଜିଥିବା ଜିନିଷର ଫେରସ୍ତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ୧ କୋଟିରୁ ଉର୍ଦ୍ଧ୍ୱ ୧୨୦ଟି ମୋବାଇଲ୍, ମୋଟର ସାଇକେଲ ଏବଂ ପରିଚୟପତ୍ରକୁ ପ୍ରକୃତ

ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ସାଂସଦ ରୁଦ୍ର ନାରାୟଣ ପାଣି, ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଆଇ.ଜି. ସତ୍ୟବ୍ରତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

Kendrapara

## ଜନଗଣନା

କେନ୍ଦ୍ରାପଡ଼ା ଜିଲ୍ଲାର ୯ଟି ତହସିଲ ଏବଂ ପୌରାଞ୍ଚଳରେ ଜନଗଣନା କାର୍ଯ୍ୟକ୍ରମ ଜାରି ରହିଛି। ଘରକୁ ଘର ବୁଲି ଜନଗଣନାକାରୀ ନାଗରିକମାନଙ୍କ ବିଭିନ୍ନ ତଥ୍ୟ ସଂଗ୍ରହ କରୁଛନ୍ତି। ଡିଜିଟାଲ ଗଣନା କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀ ଓ ପର୍ଯ୍ୟବେକ୍ଷକ ଗୃହ ଗଣନା କରୁଛନ୍ତି। ବରିଷ୍ଠ ପ୍ରଶାସନିକ ଅଧିକାରୀ ନିର୍ଭୁଲ ଓ ସଠିକ୍ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିବା ସହିତ କ୍ଷେତ୍ର ସମୀକ୍ଷା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ଜିଲ୍ଲାରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ପରିବାରର ତଥ୍ୟ ସଂଗ୍ରହ କରାଯିବ ବୋଲି ପ୍ରାଥମିକ ଆକଳନରୁ ଜଣାପଡ଼ିଛି।

Nayagarh

## ଝୋଟ ଚାଷ– ସଚେତନତା ଶିବିର

କେନ୍ଦ୍ର ସରକାରଙ୍କ ଝୋଟ କର୍ପୋରେସନ୍ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ସିକ୍ରିଡ଼ା ପଞ୍ଚାୟତଠାରେ ଝୋଟ ଚାଷ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ନୂଆଗାଁ, ଖଣ୍ଡପଡ଼ା ଓ ଦଶପଲ୍ଲା ବ୍ଲକର ଶତାଧିକ ଚାଷୀ ଶିବିରରେ ଯୋଗ ଦେଇଥିଲେ। ଝୋଟ ଚାଷରେ ମିଳୁଥିବା ସବ୍‌ସିଡି,

ବିକ୍ରୟ, ଜଳସେଚନ ଇତ୍ୟାଦି ସମ୍ପର୍କରେ କୃଷି ଅଧିକାରୀମାନେ ଚାଷୀମାନଙ୍କୁ ଅବଗତ କରାଇଥିଲେ।

Malkangiri

## ରକ୍ଷା କୌଶଳ ପ୍ରଶିକ୍ଷଣ

ମାଲକାନଗିରି ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଆୟୋଜିତ ସନ୍ତରଣ ଏବଂ ଜୀବନ ରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମାଲକାନଗିରି ବନଖଣ୍ଡ ଅଧିକାରୀ ସାଇ କିରଣ, ଅତିରିକ୍ତ ଜିଲ୍ଲାପାଳ ପ୍ରମୁଖ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ, ବନ୍ୟା ପରିସ୍ଥିତି ଏବଂ ଜଳଜନିତ ଦୁର୍ଘଟଣା ହ୍ରାସ କରିବା ପାଇଁ ବୈଜ୍ଞାନିକ ପଦ୍ଧତିରେ ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୩୦୦ ଜଣ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରାଯାଇଛି।

Nayagarh

## ମହକ

ନୟାଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ବାର୍ଷିକ ଉତ୍ସବ 'ମହକ' ରାଜସୁନାଖଳାଠାରେ ଉଦ୍‌ଘାଟିତ ହୋଇଯାଇଛି। ବାଚସ୍ପତି ସୁରମା ପାଢ଼ି କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁର ପ୍ରଥମ ଶିକ୍ଷା ମା' ଓ ପରିବାର ଦ୍ୱାରା ପ୍ରାପ୍ତ ହୋଇଥିବା ବେଳେ ସମାଜର ସାମଗ୍ରୀକ ଶିକ୍ଷା କେବଳ ଶିକ୍ଷକଙ୍କ ଦ୍ୱାରା ସମ୍ଭବ ହୋଇଥାଏ ବୋଲି କହିଛନ୍ତି।

Baragarh

## ବୈଶାଖୀ ମେଳା

ବରଗଡ଼ର ଶ୍ରୀ ଶ୍ରୀ ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମ ଉତ୍ସବ ଓ ବୈଶାଖୀ ମେଳା ଉପଲକ୍ଷେ ମନ୍ଦିର ପରିସରରେ ରଙ୍ଗୋଲି ପ୍ରତିଯୋଗିତା ଓ ଚିତ୍ରକଳା ଶିବିର ଆୟୋଜିତ ହୋଇଯାଇଛି। ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୬ ତାରିଖରୁ ମେ' ୧ ତାରିଖ ପର୍ଯ୍ୟନ୍ତ ବୈଶାଖୀ ମେଳା ଚାଲିବ।

Desk

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ଗରମ ଓ ଗୁଳୁଗୁଳି ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

ଝାରସୁଗୁଡ଼ା ଜିଲ୍ଲାରେ ଦିନର ସର୍ବାଧିକ ତାପମାତ୍ରା ୪୪ ଦଶମିକ ୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ଉପକୂଳବର୍ତ୍ତୀ ଜିଲ୍ଲା ଏବଂ ରାୟଗଡ଼ା, ମାଲକାନଗିରି ଓ କୋରାପୁଟ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି।